I.C.D.S

## ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ସୋନପୁର

I.C.D.S

### ବିଜ୍ଞାପନ

ସଂଖ୍ୟା 806(A) ତାରିଖ 21.7.23

ଏତଦ୍ୱାରା ନିମ୍ନଲିଖିତ ଓ ପାର୍ଶ୍ୱପ୍ରଦତ୍ତ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗ୍ରାମର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମହିଳା ଓ ଶିଶୁ ବିକାଶ ବିଭାଗ, ଓଡିଶାଙ୍କ ନିୟମାବଳୀ ଚିଠି ସଂଖ୍ୟା ୧୪୫ ତା.୦୨.୦୫.୨୦୦୭ ରିଖ ପ୍ରକାରେ ନିମ୍ନଲିଖିତ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ସକାଶେ" ଅଙ୍ଗନୱାଡି ସହାୟିକା " ପଦବୀ ନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଣୁ ଇଚ୍ଛୁକ ମହିଳା ପ୍ରାର୍ଥିନୀମାନେ ଅନଲାଇନ ମାଧ୍ୟମରେ ଆବେଦନ ଫର୍ମରେ ସଠିକ ଭାବେ ପୂରଣ କରି ଆସନ୍ତା ତା-୨୨ .୦୭ .୨୦୨୩ ରିଖ ଠାରୁ ତା-୦୭.୦୮.୨୦୨୩ ରିଖ ସୁଦ୍ଧା ଅନଲାଇନ ମାଧ୍ୟମରେ ଆବେଦନ କରିବେ ।(Website – https://engagement-awc.odisha.gov.in )ଆବେଦନ କାରୀ ସମସ୍ତ ଶିକ୍ଷାଗତ ଯୋଗ୍ୟତା ସ୍ଥାୟୀ,ବାସିନ୍ଦା ର ପ୍ରମାଣ ପତ୍ର ,ଜାତି ଗତ ପ୍ରମାଣ ପତ୍ର ଇତ୍ୟାଦିର ମୂଳ ନମୁନା ପତ୍ରର (Gazetted officer) ଙ୍କ ଠାରୁ (Attested) ସହ ନଥି ଅନଲାଇନ ମାଧ୍ୟମରେ ଆବେଦନ କରିବେ । ଅସମ୍ପୂର୍ଣ୍ଣ ଭାବେ ପୂରଣ କରାଯାଇଥିବା ଆବେଦନ ପତ୍ର ଏବଂ ତ୍ରୁଟିଯୁକ୍ତ ପୂରଣ କରାଯାଇଥିବା ଆବେଦନ ପତ୍ରଗୁଡିକୁ ପ୍ରମାଣ ପତ୍ର ଯାଞ୍ଚ କରାଯିବା ଦିନ ରଦ୍ଦ କରାଯିବ ।

ଆବେଦନକାରୀଙ୍କ ନିମ୍ନଲିଖିତ ଯୋଗ୍ୟତା ଥିବା ଆବଶ୍ୟକ-:

୧-ଆବେଦନକାରୀ କେବଳ ମହିଳା ଶ୍ରେଣୀ ଓ ସମ୍ପୃକ୍ତ ଗ୍ରାମର କେନ୍ଦ୍ର ପରିସୀମାର ସ୍ଥାୟୀ ବାସିନ୍ଦା ହୋଇଥିବା ସହିତ ସମ୍ପୃକ୍ତ ଗ୍ରାମର କେନ୍ଦ୍ର ଅଞ୍ଚଳରେ ବସବାସ କରୁଥିବେ ଏବଂ ତାଙ୍କର ନାମ ସମ୍ପୃକ୍ତ କେନ୍ଦ୍ର ପରିସୀମାର ସର୍ଭେ ଲିଷ୍ଟରେ ସ୍ଥାନ ପାଇଥିବ । ଅନ୍ୟ ଗ୍ରାମର ଆବେଦନକାରୀଙ୍କ ଦରଖାସ୍ତ ଗ୍ରହଣ ଯୋଗ୍ୟ ହେବ ନାହିଁ ।

୨- ପ୍ରାର୍ଥିନୀଙ୍କ ବୟସ ତା-୦୧.୦୧.୨୦୨୩ ରିଖ ସୁଦ୍ଧା ୧୮ ବର୍ଷରୁ କମ କିମ୍ବା ୩୫ ବର୍ଷରୁ ଉର୍ଦ୍ଧ୍ୱ ହୋଇ ନ ଥିବ।

୩ -ଅଙ୍ଗନୱାଡି କେନ୍ଦ୍ର ପାଇଁ ଆବେଦନ କରିଥିବା ପ୍ରାର୍ଥିନୀ ସରକାରୀ ସ୍ୱୀକୃତି ପ୍ରାପ୍ତ ଉଚ୍ଚ ବିଦ୍ୟାଳୟରୁ ଅନ୍ୟୁନ ଦ୍ୱାଦଶ କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ।

୪ -ସ୍ଥାୟୀ ବାସିନ୍ଦା ଓ ଜାତିଗତ ପ୍ରମାଣ ପତ୍ର ଆବେଦନ ପତ୍ର ଦାଖଲ ସମ୍ପୃକ୍ତ ତହସିଲଦାରଙ୍କ ଦ୍ୱାରା ପ୍ରଦତ୍ତ ଗ୍ରହଣୀୟ ଅଟେ ।

୫ -ଆବେଦନ ଫର୍ମରେ ନିଜର ଏକ ପାସପୋର୍ଟ ସାଇଜ ଫୋଟୋ ଲଗାଇବେ ।

୬ -ଅନାଥ, ବିଧବା, ଶାରୀରିକ ଅକ୍ଷମ, ଅସହାୟ, ଦୁସ୍ଥ , ତଫସିଲ ଭୁକ୍ତ ଜାତି/ଉପଜାତି , ୩୫ ବର୍ଷରୁ ଉର୍ଦ୍ଧ୍ୱ ଅବିବାହିତା, ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ପ୍ରାର୍ଥିନୀ ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ଦାଖଲ କରିବେ ।

୭ –ଆବେଦନକାରୀମାନଙ୍କୁ ଜଣାଇ ଦିଆଯାଉଅଛି କି ଆସନ୍ତା ତା ୨୨. ୦୭ .୨୦୨୩ ରିଖରୁ ଅନଲାଇନ ମାଧମରେ ଆବେଦନ କରିପାରିବେ ।

ବିଦ୍ର-

୧- ଅନଲାଇନ ଆବେଦନକାରିଣୀ ଦାଖଲ କରିଥିବା ଯେକୌଣସି ପ୍ରମାଣ ପତ୍ର ମିଥ୍ୟା ପ୍ରମାଣ ହେଲେ ଆଇନ ଅନୁଯାୟୀ ଦଣ୍ଡନୀୟ ହେବେ ।

## ଅଙ୍ଗନୱାଡି କେନ୍ଦ୍ର

| କ୍ରମିକ ନମ୍ବର | ଗ୍ରାମପଞ୍ଚାୟତର ନାମ | ସହାୟିକା ପଦ ଖାଲି ପଡିଥିବା ଅଙ୍ଗନୱାଡି କେନ୍ଦ୍ରର ନାମ | ସମ୍ପୃକ୍ତ କେନ୍ଦ୍ର ପାଇଁ ଅଞ୍ଚଳର ମହିଳାମାନେ ଆବେଦନ କରିପାରିବେ (ସର୍ଭେ ପରିସୀମା ଭିତରେ ) |
|---|---|---|---|
| ୧. | ଲଛିପୁର | ଭୂର୍ଷାପାଲି – କ | ରାଧାକାନ୍ତ ଦେହେରି ଘର ଠାରୁ ଅକ୍ଷୟ ବାରିକ ଘର ପର୍ଯନ୍ତ । |
| ୨. | ଛକୋରମାଲ | ବସଲାଟ – କ | ରହିତ ହାତି ଘର ଠାରୁ ରାକୁ ଥପା ପର୍ଯନ୍ତ । |
| ୩. | ଛକୋରମାଲ | ଡବଲଙ୍ଗ – କ | ହରିହର ନାଏକ ଘର ଠାରୁ ଚିନ୍ତାମଣି କର୍ଣ୍ଣ ଘର ପର୍ଯନ୍ତ । |
| ୪. | ନାରାୟଣପୁର | ଶଙ୍ଖଚୋଳ | ଗୌରାଙ୍ଗ ଅଦାବରିଆ ଘର ଠାରୁ ବୈଶାଖୁ ଠେଲା ଘର ପର୍ଯନ୍ତ । |
| ୫. | ଖାଲିଆପାଲି | କୁଦୋପାଲି –ଖ | ମୁନସି ବେହେରା ଘର ଠାରୁ ଦାମ ଛତ୍ରିଆ ଘର ପର୍ଯନ୍ତ । |
| ୬. | ରେଙ୍ଗାଲି | ବାଙ୍କତେନ୍ତୁଳି-କ | ପ୍ରଶାନ୍ତ କାଲ ଘର ଠାରୁ ସୁଦାମ ପୋଢ ଘର ପର୍ଯନ୍ତ । |
| ୭. | ବିଣିମୁଣ୍ଡା | ଅଇଁଲାପାଲି | ରାମ ଚୌଧୁରୀ ଘର ଠାରୁ ଅବଦୁଲ ଅସିମ ଖାନ ଘର ପର୍ଯନ୍ତ । |

ପରିପତ୍ର ସଂଖ୍ୟା 806(13) ତାରିଖ 21.7.23

ଏହାର ଏକକିତା ନକଲ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସମ୍ପୃକ୍ତ ଗ୍ରାମ/ ସ୍ଥାନମାନଙ୍କରେ ଲଟକାଜାରି ପାଇଁ ଦିଆଗଲା ।

Child Development Project Officer

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ

ସୋନପୁର

ପରିପତ୍ର ସଂଖ୍ୟା ୮୦୭ ତାରିଖ 21.7.23

ଏହାର ଏକକିତା ନକଲ ସମ୍ପୃକ୍ତ ଗ୍ରାମପଞ୍ଚାୟତ ଙ୍କ ଅବଗତି ତଥା ତାଙ୍କ ଘୋଷଣା ଫଳକକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣା କରାଗଲା।

Child Development Project Officer

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ

ସୋନପୁର

ପରିପତ୍ର ସଂଖ୍ୟା ୮୦୮ ତାରିଖ 21.7.23

ଏହାର ଏକକିତା ନକଲ ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

Child Development Project Officer

Sonepur

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ

ସୋନପୁର

ପରିପତ୍ର ସଂଖ୍ୟା ୮୦୯ ତାରିଖ 21.7.23

ଏହାର ଏକକିତା ନକଲ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ସୁବର୍ଣ୍ଣପୁର/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସୋନପୁର/ତହସିଲଦାର, ସୋନପୁରଙ୍କ ଅବଗତି ତଥା ବିଧିକାର୍ଯ୍ୟ ନିମନ୍ତେ ପ୍ରେରଣ କରାଗଲା।

Child Development Project Officer

Sonepur

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ

ସୋନପୁର

ପରିପତ୍ର ସଂଖ୍ୟା ୮୧୦ ତାରିଖ 21.7.23

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ , ସୋନପୁର ତଥା ଅଧକ୍ଷ, ଶିଶୁ ବିକାଶ ପ୍ରକଳ୍ପ ସୋନପୁରଙ୍କ ଅବଗତି ତଥା ଘୋଷଣା ଫଳକକୁ ସର୍ବସାଧାରଣଙ୍କ ଅବଗତି ତଥା ବିଧିକାର୍ଯ୍ୟ ନିମନ୍ତେ ପ୍ରେରଣ କରାଗଲା ।

Child Development Project Officer

Sonepur

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ

ସୋନପୁର

ପରିପତ୍ର ସଂଖ୍ୟା ୮୧୧ ତାରିଖ 21.7.23

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ , ସୁବର୍ଣ୍ଣପୁରଙ୍କ ଅଧକ୍ଷ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ଅନୁରୋଧ କରାଗଲା ଯେ , ଏହି ବିଜ୍ଞାପନ www.subarnapur.nic.in ରେ ସଂଲଗ୍ନ କରିବାକୁ ଅନୁରୋଧ ।

Child Development Project Officer

Sonepur

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ

ସୋନପୁର